## ସଂକ୍ଷେପରେ

### ଦୁର୍ଘଟଣାରେ ପାଣି ପାଇପ୍ କର୍ମଚାରୀ ଗୁରୁତର

**ପରଜଙ୍ଗ, ୧୧।୫(ଡି.ଏନ.ଏ.):** ପରଜଙ୍ଗ ଥାନା ବଡ଼କମର-ମୁକ୍ତାପଶି ପୂର୍ତ୍ତ ବିଭାଗ ରାସ୍ତାର ବସୋଇ ଜଙ୍ଗଲ ନିକଟରେ ବୁଧବାର ଅପରାହ୍ନରେ ବୋଲେରୋ ଧକ୍କାରେ ପରଜଙ୍ଗ ବ୍ଲକ ପାନୀୟ ଜଳ ଯୋଗାଣ ବିଭାଗର ପମ୍ପ ମିସ୍ତ୍ରି ବାଦଲ ନାଏକ ଗୁରୁତର ହୋଇଛନ୍ତି। ଏଥିରେ ପ୍ରସନ୍ନ କୁମାର ସାହୁ ସାମାନ୍ୟ ଆହତ ହୋଇଛନ୍ତି। କାନ୍ତୋର ଗ୍ରାମର ବାଦଲ ଏବଂ ପ୍ରସନ୍ନ ସାଆନ୍ଦାରୁ କାମ ସାରି କନ୍ତୋର ଫେରୁଥିବା ବେଳେ ବସୋଇ ପଟୁ ଆସୁଥିବା ଉକ୍ତ ବୋଲେରୋ ସାମ୍ନାପଟୁ ଧକ୍କା ଦେଇଥିଲା। ଗୁରୁତର ବାଦଲଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସହାୟତାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇ ବୋଲେରୋ ଫେରାର ହୋଇଯାଇଥିବାବେଳେ ପୋଲିସ ତନାଘନା ଆରମ୍ଭ କରିଛି।

### ରୁଦ୍ରାକ୍ଷ ହତ୍ୟାକାଣ୍ଡ ମାମଲା, ୨ ନାବାଳକ ଅଟକ

କାମାକ୍ଷାନଗର, ୧୧।୫(ଡି.ଏନ୍.ଏ.)- ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ସୋଗର ଗ୍ରାମର ୪ବର୍ଷର ଶିଶୁପୁତ୍ର ରୁଦ୍ରାକ୍ଷ ମଲ୍ଲିକ ହତ୍ୟାକାଣ୍ଡ ମାମଲାରେ ପୋଲିସ ସନ୍ଦେହରେ ୨ ନାବାଳକଙ୍କୁ ଅଟକ ରଖିଛି। ଏହି ଘଟଣାରେ ପରିବାର ଲୋକଙ୍କ ଅଭିଯୋଗକ୍ରମେ ନଂ.୧୧୩/୨୨, ଦଫା ୩୦୨ରେ ଏକ ମାମଲା ରୁଜୁ କରାଯାଇଛି। ରାଜେନ୍ଦ୍ର ମଲ୍ଲିକଙ୍କ ପୁଅ ରୁଦ୍ରାକ୍ଷ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଗାଁଦାଣ୍ଡରେ ଖେଳୁଥିବାବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ଗାଁ ନିକଟ ଝଗଡ଼ପଦା କାଜୁ ଜଙ୍ଗଲରୁ ସନ୍ଧ୍ୟାରେ ତାଙ୍କ ମୃତଦେହ ଠାବ କରାଯାଇଥିଲା। ପରିବାର ଲୋକେ ତାଙ୍କୁ ଅଁଳାବେରେଣୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଆସିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଜଙ୍ଗଲ ନିକଟରେ ସମ୍ପୃକ୍ତ ୨ ନାବାଳକ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ ଦେଖିଥିଲେ। ସେମାନଙ୍କ ବୟାନ ଆଧାରରେ ଉଭୟଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ପୋଲିସ କହିଛି। ଅନ୍ୟପଟେ ପୂର୍ବ ଶତ୍ରୁତା କାରଣରୁ ରୁଦ୍ରାକ୍ଷଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ପ୍ରଥମେ କୁହାଯାଉଥିବାବେଳେ କୌଣସି ଏକ ନିଷିଦ୍ଧ ସମ୍ପର୍କ ପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ଆରମ୍ଭ ହୋଇଛି। ହୁଏତ ରୁଦ୍ରାକ୍ଷ ଏକ ଅନୈତିକ ସମ୍ପର୍କକୁ ଦେଖିନେଇଥିଲେ, ତେଣୁ ଘଟଣା ପ୍ରଘଟ ଭୟରେ ଅଭିଯୁକ୍ତ ତାଙ୍କୁ ଜୀବନରୁ ହଟାଇ ଦେଇଥିବା ଆଲୋଚନା ହେଉଛି। ପୋଲିସ ବିଭିନ୍ନ ଦିଗକୁ ନେଇ ତନାଘନା ଜାରି ରଖିଛି।

# ଛାତ୍ରୀଙ୍କ ହାତରେ ହକି ଷ୍ଟିକ୍

**ଢେଙ୍କାନାଳ ଅଫିସ, ୧୧।୫**

ପଢ଼ିଆକୁ ଫେରିବ ହକି ଚମକ। ହାତରେ ହକି ଷ୍ଟିକ୍ ଧରି ଦକ୍ଷତା ପ୍ରଦର୍ଶନ କରିବେ ମହିଳା କ୍ରୀଡ଼ାବିତ୍। କେବଳ ଜିଲା ନୁହେଁ, ଜାତୀୟ ଦଳରେ ସେମାନେ ଯେପରି ସ୍ଥାନ ପାଇବେ ସେଥିଲାଗି ଆରମ୍ଭରୁ ଶିଖାଯିବ ଆବଶ୍ୟକ କୌଶଳ। ଢେଙ୍କାନାଳରେ ହକିର ହୃତ୍‌ଗୌରବ ଫେରାଇ ଆଣିବାକୁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଏଭଳି ପ୍ରୟାସ। ଜିଲାର ପ୍ରତିଭାବାନ୍ ହକି ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଏବଂ ଠିକ୍ ଭାବେ ତାଲିମ ଦେବା ଉଦ୍ଦେଶ୍ୟରେ ବୁଧବାର ଗଁଦିଆ ବ୍ଲକ ଦେଓଗାଁ ପଞ୍ଚାୟତସ୍ଥିତ କପିଳାସ ସରକାରୀ ବାଳିକା ଆବାସିକ ଉଚ୍ଚ ବିଦ୍ୟାଳୟରେ 'ମୋ ସ୍କୁଲ ହକି କ୍ଲବ' ଉଦ୍‌ଘାଟିତ ହୋଇଛି। ଏଠାରେ ପ୍ରାଥମିକ ପର୍ଯ୍ୟାୟରେ ବଛା ବଛା ୩୦ ଛାତ୍ରୀଙ୍କୁ ତାଲିମ ଦିଆଯିବ। ଏଥିଲାଗି ଜିଲା କ୍ରୀଡ଼ା ବିଭାଗ ଏବଂ ପ୍ରଶାସନ ପକ୍ଷରୁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରାଯାଇଛି।

ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ମୋ ସ୍କୁଲ ହକି କ୍ଲବ'କୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, ଜିଲାରେ ହକିର ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି। ପିଲାମାନଙ୍କ ମଧ୍ୟରେ ଦକ୍ଷତା ମଧ୍ୟ ଅଛି। ଦୃଢ଼ ଇଚ୍ଛାଶକ୍ତି ଏବଂ ଲକ୍ଷ୍ୟ ରହିଲେ ସବୁକିଛି ସମ୍ଭବ। ସୁନ୍ଦରଗଡ଼ ପରେ ଢେଙ୍କାନାଳକୁ ରାଜ୍ୟର ଦ୍ୱିତୀୟ ହକି ହବ୍‌ରେ ପରିଣତ କରାଯିବ। ଏଥିଲାଗି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଖୁବ୍‌ଶୀଘ୍ର ବ୍ଲକସ୍ତରରୁ ମଧ୍ୟ ପ୍ରଶିକ୍ଷଣ ଆରମ୍ଭ ହେବ। ପ୍ରତି ବ୍ଲକରୁ ବଛା ବଛା ୨୫ଜଣ ପୁଅ ଏବଂ ୨୫ ଜଣ ଝିଅଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ କରାଯିବ। ତେବେ ହକି ପାଇଁ ପାଠପଢ଼ା ଯେମିତି ପ୍ରଭାବିତ ନ ହୁଏ, ସେଥିଲାଗି ଗୁରୁତ୍ୱ ଦେବାକୁ ଜିଲାପାଳ କହିଛନ୍ତି।



ଜିଲାପାଳ ଛାତ୍ରୀଙ୍କୁ ହକିଷ୍ଟିକ୍ ପ୍ରଦାନ କରୁଛନ୍ତି। ନିକଟରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

- ■ଢେଙ୍କାନାଳକୁ ଦ୍ୱିତୀୟ ହକି ହବ୍ କରିବାକୁ ପ୍ରଶାସନ ସଜବାଜ
- ■କପିଳାସ ବାଳିକା ହାଇସ୍କୁଲରେ 'ମୋ ସ୍କୁଲ ହକି କ୍ଲବ' ଉଦ୍‌ଘାଟିତ
- ■ପ୍ରାଥମିକ ପର୍ଯ୍ୟାୟରେ ପ୍ରଶିକ୍ଷଣ ନେବେ ୩୦ ଛାତ୍ରୀ

ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ଯୋଗଦେଇ କହିଲେ, କ୍ରୀଡ଼ାର ବିକାଶ ପାଇଁ ପ୍ରତି ବ୍ଲକରେ ଆଦର୍ଶ ଖେଳପଡ଼ିଆ ନିର୍ମାଣ କରାଯିବ। ଫଳରେ ବ୍ଲକସ୍ତରରୁ କ୍ରୀଡ଼ାପ୍ରତିଭା ଖୋଜିବା ସହଜ ହେବ। ହକି ହବ୍‌ର ଲକ୍ଷ୍ୟ ସମ୍ପର୍କରେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ସୂଚନା ଦେଇ କହିଛନ୍ତି, ଝାରସୁଗୁଡ଼ା ପରେ ଢେଙ୍କାନାଳରେ 'ମୋ ସ୍କୁଲ ହକି କ୍ଲବ'ର ଶୁଭାରମ୍ଭ ହୋଇଛି। ଏହାର ସଫଳତା ପାଇଁ ଆବଶ୍ୟକ ସହଯୋଗ କରାଯିବ। ଜିଲା ମଙ୍ଗଳ ଅଧିକାରୀ ପରମାନନ୍ଦ ପୃଷ୍ଟି, ବିଡିଓ ଆଶିଷ ସାହୁ, ସରପଞ୍ଚ ବିଜୟ ଦେହୁରୀ, ପ୍ରଧାନ ଶିକ୍ଷକ ବାସିଲ କୁଲୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିପିନ ବିହାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ହକି ଖେଳାଳିଙ୍କୁ ନୂତନ ଷ୍ଟିକ୍ ପ୍ରଦାନ କରିଥିଲେ। ଢେଙ୍କାନାଳ ସଦରର ମହିଳା ହକି ଖେଳାଳି ଏବଂ ବିଦ୍ୟାଳୟର ମହିଳା ହକି ଖେଳାଳିଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନ କପିଳାସ ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ ୧୯୬୧ରେ ପ୍ରତିଷ୍ଠା ହୋଇଥିଲା। ଏବେ ଏଠାରେ ଢେଙ୍କାନାଳ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ ଜିଲାର ୩୧୯ ଛାତ୍ରୀ ହଷ୍ଟେଲରେ ରହି ଅଧ୍ୟୟନ କରୁଛନ୍ତି। ଜିଲାରେ କ୍ରୀଡ଼ା ବିଭାଗ ପକ୍ଷରୁ ହକି କୋଚ୍ ଭାବେ ନିଯୁକ୍ତ ଫ୍ଲୋରେନ୍ସିଆ ଏକ୍କା, ଢେଙ୍କାନାଳର କୋଚ୍ ବାବୁଲା ପ୍ରସାଦ ମହାନ୍ତି, ସାଇ ପ୍ରସାଦ ଦଳେଇ ପ୍ରମୁଖ ୩୦ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଜାତୀୟସ୍ତରରେ ବିଦ୍ୟାଳୟର ହକି ଖେଳାଳିମାନେ ଦକ୍ଷତା ପ୍ରତିପାଦନ କରିଛନ୍ତି। ୨୦୧୬ରେ ପୂର୍ବତନ ଛାତ୍ରୀ ନାନ୍ସି ଜାରିକା ଜାତୀୟ ମହିଳା ଦଳରେ ଗୋଲକିପର ଭାବେ ଖେଳିଥିଲେ। ଏବେ ସେ ଟାଟା ନାଭାଲ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ସେହିପରି ପୂର୍ବତନ ଛାତ୍ରୀ କୁନ୍ତି ମାରାଣ୍ଡି, ଟିକି ବେଶ୍ରା, ବିଜୟା ବାସ୍କେ ମଧ୍ୟ ଜାତୀୟସ୍ତରରେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି।

**ଜନଜାତି ବିଦ୍ୟାଳୟରେ ପର୍ଯ୍ୟାପ୍ତ ସୁଯୋଗ**



"ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ହକି ବିକାଶକୁ ନେଇ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଜାତୀୟସ୍ତରୀୟ ହକି ଖେଳାଳି ନାନ୍ସି ଜାରିକା ଏହାର ଉଦାହରଣ। ଆବଶ୍ୟକ ପ୍ରୋତ୍ସାହନ ମିଳିଲେ ବିଦ୍ୟାଳୟର ଖେଳାଳିମାନେ ଜାତୀୟସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିପାରିବେ।

-ଫ୍ଲୋରେନ୍ସିଆ ଏକ୍କା, ହକି କୋଚ୍

**ତାଲିମ ମିଳିଲେ ପିଲାଏ ଉଚ୍ଚକୋଟୀର ପ୍ରଦର୍ଶନ କରିବେ**



"ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତାରେ ସ୍କୁଲର ପିଲାମାନେ ଭଲ ପ୍ରଦର୍ଶନ କରିଛନ୍ତି। ବିଦ୍ୟାଳୟରେ ପଢୁଥିବା ଛାତ୍ରୀମାନଙ୍କ ହକି ଖେଳିବା ପାଇଁ ପ୍ରବଳ ଆଗ୍ରହ ରହିଛି। ପର୍ଯ୍ୟାପ୍ତ ସୁଯୋଗ ଓ ପ୍ରଶିକ୍ଷଣ ପ୍ରଦାନ କରାଗଲେ ଜାତୀୟସ୍ତରରେ ଶିକ୍ଷାନୁଷ୍ଠାନର କ୍ରୀଡ଼ାବିତ୍‌ମାନେ ଉଚ୍ଚକୋଟୀର ପ୍ରଦର୍ଶନ କରିବେ।

-ବାସିଲ କୁଲୁ, ପ୍ରଧାନ ଶିକ୍ଷକ

**ଭଲ ଖେଳାଳି ହେବାକୁ ଲକ୍ଷ୍ୟ ଅଛି**



"ଜଣେ ପ୍ରତିଭାବାନ ହକି ଖେଳାଳି ହେବାକୁ ହେଲେ ଉପଯୁକ୍ତ ପ୍ରଶିକ୍ଷଣ ନିହାତି ଜରୁରୀ। ବିଦ୍ୟାଳୟରେ ପାଠପଢ଼ା ସାଙ୍ଗକୁ ହକି ପାଇଁ ତାଲିମ ବ୍ୟବସ୍ଥା କରାଯିବା ପରେ ନୂଆ ସୁଯୋଗ ସୃଷ୍ଟି ହୋଇଛି। ଆଗାମୀ ଦିନରେ ନୂତନ କୌଶଳ ପ୍ରଶିକ୍ଷଣ ଶିକ୍ଷା ସହିତ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରହିଛି।

-ସୁନାରୀ ହାଁସଦା, ଛାତ୍ରୀ

**ଜିଲାରେ ହକିର ପ୍ରସାର ଆରମ୍ଭ ହୋଇଛି**



"ଜିଲାପାଳଙ୍କ ଉଦ୍ୟମରେ କପିଳାସ ବାଳିକା ଉଚ୍ଚ ବିଦ୍ୟାଳୟରେ 'ମୋ ସ୍କୁଲ ହକି କ୍ଲବ' ଆରମ୍ଭ ହୋଇଛି। ୨୦୨୩ରେ ଓଡ଼ିଶାରେ ହକି ବିଶ୍ୱକପ୍ ଆୟୋଜନ ହେବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜିଲାସ୍ତରରେ ହକିର ପ୍ରଚାର ପ୍ରସାର ଆରମ୍ଭ ହୋଇଛି।

-ପ୍ରଦୀପ୍ତ କୁମାର ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ

# ସଦର ବ୍ଲକ ସରପଞ୍ଚ ସଂଘ ଗଠିତ

**ଢେଙ୍କାନାଳ ଅଫିସ, ୧୧।୫**

**ସନ୍ତୋଷ ସଭାପତି, ଅମିତଜ୍ୟୋତି ସାଧାରଣ ସମ୍ପାଦକ**

ଢେଙ୍କାନାଳ ସଦର ବ୍ଲକର ସରପଞ୍ଚ ସଂଘ ଗଠିତ ହୋଇଛି। ଏ ନେଇ ଗତ ମଙ୍ଗଳବାର ବୋରାପଦାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ଚନ୍ଦ୍ରଶେଖରପ୍ରସାଦ ପଞ୍ଚାୟତ ସରପଞ୍ଚ ସନ୍ତୋଷ ମହାପାତ୍ର ଏବଂ ସାଧାରଣ ସମ୍ପାଦକ ଭାବେ କାଇମାଟି ସରପଞ୍ଚ ଅମିତଜ୍ୟୋତି ସ୍ୱାଇଁଙ୍କୁ ଚୟନ କରାଯାଇଛି। ସେହିପରି କାର୍ଯ୍ୟକାରୀ ସଭାପତି ସପ୍ତଶଯ୍ୟା ସରପଞ୍ଚ ଅଭିମନ୍ୟୁ ବେହେରା, ଉପସଭାପତି ଚାଉଳିଆ ସରପଞ୍ଚ ବାବୁଲି ଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଭାବେ ତରଭା ସରପଞ୍ଚ ବିରଞ୍ଚି ବେହେରା ମନୋନୀତ ହୋଇଛନ୍ତି। ଗୋବିନ୍ଦପୁର ସରପଞ୍ଚ ଅରୁଣ ପରିଡ଼ା, ବଣସିଂହ ସରପଞ୍ଚ ଜଳଧର ବେହେରା, କାଙ୍କଡ଼ପାଳ ସରପଞ୍ଚ ସୁବାସ ଚନ୍ଦ୍ର ସ୍ୱାଇଁ, କଙ୍କଡ଼ାହାଡ଼ ସରପଞ୍ଚ ପବିତ୍ର ମହାରଣା, ବାରଦା ସରପଞ୍ଚ ଅକ୍ଷୟ ସ୍ୱାଇଁ, ନଡ଼ିଆଳୀ ସରପଞ୍ଚ ଫିରୋଜ ସାହୁ, ସାଙ୍କୁଲେଇ ସରପଞ୍ଚ ସଂଗ୍ରାମ କିଶୋର ମହାନ୍ତିଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସରପଞ୍ଚଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ପଞ୍ଚାୟତିରାଜ ବିଭାଗର ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ଯତ୍ନବାନ ହେବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହ ସମିତି ମାଧ୍ୟମରେ ହେଉଥିବା କାର୍ଯ୍ୟରେ ସମନ୍ୱୟ ରକ୍ଷା, ରାଜ୍ୟ ସଂଘ ମାଧ୍ୟମରେ ସରପଞ୍ଚଙ୍କ ସମସ୍ୟା ରାଜ୍ୟ ସରକାରଙ୍କ ନଜରକୁ ଆଣିବା ଲାଗି ଆଲୋଚନା କରାଯାଇଛି।



ବୈଠକରେ ସଦର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ।

# ଚନ୍ଦନେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



କଳସ ଶୋଭାଯାତ୍ରାରେ ମହିଳା ଶ୍ରଦ୍ଧାଳୁ।

**ଢେଙ୍କାନାଳ ଅଫିସ,୧୧।୫**

ଢେଙ୍କାନାଳ ସଦର ବ୍ଲକ ତରଭା ଗ୍ରାମରେ ପୂଜା ପାଉଥିବା ଶ୍ରୀ ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ୯ ତାରିଖରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୧୩ ତାରିଖରେ ଉଦ୍‌ଯାପିତ ହେବ। ଏହି ଉପଲକ୍ଷେ ଶତାଧିକ ମହିଳା ଶ୍ରଦ୍ଧାଳୁ ବ୍ରାହ୍ମଣୀ ନଦୀରୁ କଳସରେ ପାଣି ଉଠାଇ ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହାପରେ ଯଥାବିଧି ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପଣ୍ଡିତ ସିଦ୍ଧେଶ୍ୱର ମିଶ୍ର, ବନମାଳୀ ବିଶ୍ୱାଳ, ଧନୁର୍ଜୟ ବିଶ୍ୱାଳ, ସର୍ବେଶ୍ୱର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଭଜନକୀର୍ତ୍ତନ, ନାମସଂକୀର୍ତ୍ତନ, ଘଣ୍ଟାଘଣ୍ଟ ଧ୍ୱନିରେ ଗ୍ରାମ ପରିବେଶ ମୁଖରିତ ହୋଇଉଠିଛି।

# ଟ୍ରକ୍ ଧକ୍କାରେ ବାପପୁଅ ଗୁରୁତର

**ପରଜଙ୍ଗ, ୧୧।୫(ଡି.ଏନ.ଏ.)**

**ଉତ୍ତେଜନା, ରାସ୍ତାରୋକୋ**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥର ବାରିହାପୁର ଗ୍ରାମ ନିକଟରେ ବୁଧବାର ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ବାପପୁଅ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଥିଲେ।

ପରଜଙ୍ଗ ଥାନା ବାରିହାପୁର ଗ୍ରାମର ମୀନକେତନ ସାହୁ ତାଙ୍କ ୧୪ବର୍ଷର ପୁଅ ସମୀରଙ୍କ ସହ ବାଇକ୍‌ରେ ଏକ ଭୋଜିରେ ଯୋଗଦେବା ପାଇଁ ଯାଉଥିଲେ। ଏହି ସମୟରେ କାମାକ୍ଷାନଗର ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସମୀରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ମେଡିକାଲକୁ ପଠାଇ ଦିଆଯାଇଛି।

ଜାତୀୟ ରାଜପଥରେ ବେପରୁଆ ଗାଡ଼ି ଚାଳନା ପାଇଁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି। ଏହାର ପ୍ରତିକାର କରିବାକୁ ଆନ୍ଦୋଳନକାରୀ ଦାବି କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ବୁଝାଶୁଝା କରିବାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପଟେ ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଟ୍ରକକୁ ଧରିବାକୁ ପୋଲିସ ଉଦ୍ୟମ ଆରମ୍ଭ କରିଛି।



ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା।

# ଖୋଲୁନି ମୂର୍ତ୍ତି ଚୋରି ରହସ୍ୟ

**ଢେଙ୍କାନାଳ ଅଫିସ, ୧୧।୫**

ରାଜ୍ୟର ପ୍ରସିଦ୍ଧ ଶୈବପୀଠ ତଥା ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ବିଜେସ୍ଥଳୀ କପିଳାସରୁ ୨୦୧୬ରେ ଚୋରି ହୋଇଯାଇଥିଲା ଦ୍ୱାଦଶ ଶତାବ୍ଦୀର ୩ ଦେବଦେବୀଙ୍କ ବିରଳ ମୂର୍ତ୍ତି। ଇତିମଧ୍ୟରେ ଏହି ଘଟଣାକୁ ଦୀର୍ଘ ୬ବର୍ଷ ବିତିଗଲାଣି। ହେଲେ ମୂର୍ତ୍ତି ଚୋରି ସମ୍ପର୍କିତ ରହସ୍ୟ ଉନ୍ମୋଚିତ ହୋଇପାରିନାହିଁ। ଜିଲା ପ୍ରଶାସନ, ଦେବୋତ୍ତର ବିଭାଗ ଏବଂ ପୋଲିସ ପକ୍ଷରୁ ମୂର୍ତ୍ତି ଖୋଜିବା ଲାଗି ତତ୍ପରତା ଦେଖିବାକୁ ମିଳୁନାହିଁ। ଏଭଳି ଏକ ଚର୍ଚ୍ଚିତ ଘଟଣାର ତଦନ୍ତରେ ଶିଥିଳତା ଦେଖାଦେଇଥିବାବେଳେ ଜିଲାବାସୀ ଅନ୍ଧାରରେ ରହିଛନ୍ତି।

୨୦୧୬ କାର୍ତ୍ତିକ ପୂର୍ଣ୍ଣିମା ରାତିରେ ଦୁର୍ବୃତ୍ତମାନେ କପିଳାସ ପୀଠରୁ ୧୨୪୦ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ଶ୍ରୀଗଣେଶ, ଶ୍ରୀଦୁର୍ଗା ଏବଂ ଶ୍ରୀଭୈରବଙ୍କ ମୂର୍ତ୍ତି ଚୋରାଇ ନେଇଥିଲେ। ସ୍ଥାନୀୟ ଅଞ୍ଚଳର ଅସାମାଜିକମାନେ ଏଭଳି କାଣ୍ଡ ଭିଆଇଥିବା ପ୍ରଥମରେ ସନ୍ଦେହ କରାଯାଉଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ବାହାର ଅପରାଧୀଙ୍କ ଏଥିରେ ଲିଙ୍କ୍ ଥିବା ଅନୁମାନ କରାଯାଇଥିଲା। ମୂର୍ତ୍ତି ଚୋରି ପରେ ପୋଲିସ ଓ ଦେବୋତ୍ତର ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ତତ୍ପରତା କିଛିଦିନ ପରେ ଶିଥିଳ ପଡ଼ିଯାଇଛି। ଇତିମଧ୍ୟରେ ଘଟଣାର ତଦନ୍ତ କରୁଥିବା ଡିଏସ୍‌ପିସ୍ତରୀୟ ପୋଲିସ ଅଧିକାରୀଙ୍କ ମଧ୍ୟରୁ ଅନେକେ ଅବସର ଗ୍ରହଣ କରିସାରିଲେଣି। ତଥାପି ମୂର୍ତ୍ତି ଚୋରି ରହସ୍ୟ ଉନ୍ମୋଚିତ ହୋଇପାରିନାହିଁ। ଏପରି କି ଏ ଦିଗରେ ରାଜ୍ୟ ସରକାର କିମ୍ବା ପୋଲିସ ବିଭାଗର ପଦସ୍ଥ ଅଧିକାରୀଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ନ ପାଇବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପଟେ ଘଟଣାର ବର୍ଷକ ପରେ ଦେବୋତ୍ତର ବିଭାଗ ଉପଦେଷ୍ଟାମଣ୍ଡଳୀ ବୈଠକର ନିଷ୍ପତ୍ତି ଅନୁଯାୟୀ ଚୋରି ହୋଇଥିବା ମୂର୍ତ୍ତିର ଫଟୋଚିତ୍ର ଆଧାରରେ ମୟୂରଭଞ୍ଜ ଜିଲା ଖିଚିଂରୁ ଅବିକଳ ୩ଟି ମୂର୍ତ୍ତି ନିର୍ମାଣ କରି ଅଣାଯାଇଥିଲା। ଢେଙ୍କାନାଳ ରାଜା କାମାକ୍ଷା ପ୍ରସାଦ ସିଂଦେଓଙ୍କ ଉପସ୍ଥିତିରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ଏହାକୁ ନୀତି ଅନୁଯାୟୀ ପ୍ରତିଷ୍ଠା କରାଯାଇଥିଲା। ତେବେ ପୁରାତନ ମୂର୍ତ୍ତି ସମ୍ପର୍କରେ ଅଦ୍ୟାବଧି କୌଣସି ସୂଚନା ମିଳିନାହିଁ। ଏ ସଂକ୍ରାନ୍ତରେ ଦେବୋତ୍ତର ବିଭାଗ ଟ୍ରଷ୍ଟି ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ଏ ସଂକ୍ରାନ୍ତରେ ସେ ଜାଣି ନ ଥିଲେ। ପୋଲିସ ବିଭାଗ ସହିତ ଆଲୋଚନା କରାଯିବା ପରେ ଯାହା କିଛି କହିହେବ। ଏସ୍‌ପି ଏଲ୍. ଦିବ୍ୟା ଭି. କୁହନ୍ତି, ଘଟଣା ବିଷୟରେ ତାଙ୍କ ନିକଟରେ ସୂଚନା ନାହିଁ। ଏ ସମ୍ପର୍କରେ ଅନୁଧ୍ୟାନ କରିବାକୁ ପଡ଼ିବ।



କପିଳାସ ପୀଠ।

- ■କପିଳାସରୁ ଦୁର୍ବୃତ୍ତ ନେଇଯାଇଥିଲେ ଦ୍ୱାଦଶ ଶତାବ୍ଦୀର ବିରଳ ମୂର୍ତ୍ତି
- ■ଖୋଜିବା ଲାଗି ତତ୍ପରତା ନାହିଁ, ୬ବର୍ଷ ପରେ ପୋଲିସ ହାତ ଖାଲି

**ସୂକ୍ଷ୍ମ କାରୁକାର୍ଯ୍ୟ ଉଚ୍ଚକୋଟୀର ଥିଲା**



"କପିଳାସ ପୀଠରୁ ଚୋରି ହୋଇଥିବା ମୂର୍ତ୍ତିର ସୂକ୍ଷ୍ମ କାରୁକାର୍ଯ୍ୟ ଉଚ୍ଚକୋଟୀର ଥିଲା। ସ୍ଥାୟୀ ଜିମାଦାର ନ ରହିବା ଏବଂ ଦେବୋତ୍ତର ବିଭାଗର ଦାୟିତ୍ୱହୀନତା ଯୋଗୁ ଏଭଳି ବିରଳ ମୂର୍ତ୍ତି ଚୋରି ହୋଇଗଲା। ଖିଚିଂରୁ ଆସିଥିବା ମୂର୍ତ୍ତିର କାରୁକାର୍ଯ୍ୟ ପ୍ରାଚୀନ ମୂର୍ତ୍ତି ଭଳି ହୋଇନାହିଁ।

-ଦେବବ୍ରତ ପଟ୍ଟନାୟକ, ଦେବୋତ୍ତର ବିଭାଗ ଉପଦେଷ୍ଟା

**ତତ୍ପରତା ପ୍ରକାଶ ପାଉନାହିଁ**



"ଜିଲାବାସୀଙ୍କ ଆରାଧ ଦେବତା ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ଜୀଉ ମହାଦେବଙ୍କ ପୀଠରୁ ପ୍ରାଚୀନ ଗଣେଶ, ଦୁର୍ଗା ଏବଂ ଭୈରବ ମୂର୍ତ୍ତି ଚୋରି ହେବା ଅତ୍ୟନ୍ତ ଦୁଃଖଦାୟକ। ଏହାକୁ ଉଦ୍ଧାର କରିବା ଲାଗି ଦେବୋତ୍ତର ବିଭାଗ କିମ୍ବା ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଉନାହିଁ।

-ଶଶିମୌଳି ରଥ, ମୁକ୍ତାଦେଈପୁର ଶାସନ ମହାଜନ ମହାସଭା ସଭାପତି

**ଇଚ୍ଛାଶକ୍ତିର ଅଭାବରୁ ତଦନ୍ତ ଶିଥିଳ**



"କପିଳାସ ମୂର୍ତ୍ତି ଚୋରି ଘଟଣାକୁ ୬ବର୍ଷ ବିତିବା ପରେ ମଧ୍ୟ ଏହାର ରହସ୍ୟ ଉନ୍ମୋଚିତ ହୋଇପାରିନାହିଁ। ଦେବୋତ୍ତର ବିଭାଗ ଓ ପୋଲିସ ପ୍ରଶାସନର ଇଚ୍ଛାଶକ୍ତିର ଅଭାବ ଯୋଗୁ ତଦନ୍ତ ଶିଥିଳ ପଡ଼ିଯାଇଛି। ଏହି ମାମଲାର ଫାଇଲ ଖୋଲି ପୁଣିଥରେ ଏହାର ବିଧିବଦ୍ଧ ତଦନ୍ତ କରାଯାଉ।

-ଶିବସାଇ ମହାପାତ୍ର, ଆଇନଜୀବୀ

# ୩୨ ଅଣ୍ଡାରୁ ବାହାରିଲେ ଘଡ଼ିଆଳ ଛୁଆ

## ସାତକୋଶିଆ ପାଇଁ ଖୁସି ଖବର

**ବନ୍ତଲା,୧୧।୫(ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପାଇଁ ସୋମବାର ଆସିଛି ଖୁସି ଖବର। ମହାନଦୀ ଗଣ୍ଡରେ ଘଡ଼ିଆଳ କୁମ୍ଭୀର ଅଣ୍ଡାରୁ ୩୨ ଶାବକ ଜନ୍ମ ହୋଇଛନ୍ତି। ସାତକୋଶିଆ ଡିଏଫ୍ଓ ସରୋଜ କୁମାର ପଣ୍ଡା ଏ ନେଇ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ଡିଏଫ୍ଓ କହିଛନ୍ତି, ସାତକୋଶିଆ ଗଣ୍ଡର ବଳଦମରାଠାରେ ଅଣ୍ଡା ଦେବା ପାଇଁ ମା' ଘଡ଼ିଆଳ ବାରମ୍ବାର ଆସୁଥିବା ନେଇ ବନ ବିଭାଗ କର୍ମଚାରୀମାନେ ପାଟ୍ରୋଲିଂ ସମୟରେ ଜାଣିପାରିଥିଲେ। ଏ ସମ୍ପର୍କରେ ସୂଚନା ମିଳିବା ପରେ ଉକ୍ତ ଜାଗାରେ ବିଭାଗ ପକ୍ଷରୁ ସିସିଟିଭି ଲଗାଯାଇଥିଲା। ଏଥିସହିତ କୁକୁର ଓ ଅନ୍ୟ ବନ୍ୟଜନ୍ତୁ ଦାଉରୁ ଅଣ୍ଡାଗୁଡ଼ିକୁ ସୁରକ୍ଷା ଦେବା ପାଇଁ ତାରବାଡ଼ ବ୍ୟବସ୍ଥା କରାଯାଇଥିଲା। ସୋମବାର ରାତିରେ ଉକ୍ତ ଅଣ୍ଡାଗୁଡ଼ିକରୁ ୩୨ ଶାବକ ଜନ୍ମ ହୋଇଛନ୍ତି। ୨୦୨୧ରେ ମଧ୍ୟ ଉକ୍ତ ଜାଗାରେ ୨୮ ଘଡ଼ିଆଳ ଶାବକ ଜନ୍ମ ନେଇଥିଲେ ବୋଲି ଡିଏଫ୍ଓ ପ୍ରକାଶ କରିଛନ୍ତି।



ମହାନଦୀ ଗଣ୍ଡରେ ଜନ୍ମ ନେଇଥିବା ଘଡ଼ିଆଳ ଶାବକ।

## ୧୦ଲକ୍ଷ କଇଁଛ ଶାବକ ସମୁଦ୍ରକୁ ଗଲେ

ରାଜନଗର,୧୧।୫(ଡି.ଏନ.ଏ.)

ବିରଳ ଅଲିଭରିଡଲେ କଇଁଛଙ୍କ ଅନ୍ତୁଡିଶାଳ ଗହୀରମଥାର ନାସୀ-୨ ବେଳାଭୂମିରେ ସାମୂହିକ ଅଣ୍ଡାଦାନ ହୋଇଥିଲା। ୨ଦିନ ହେଲା କଇଁଛ ଅଣ୍ଡାରୁ ଛୁଆ ବାହାରିବା ଆରମ୍ଭ ହୋଇଛି। ୨ଦିନ ମଧ୍ୟରେ ୧୦ଲକ୍ଷ କଇଁଛ ଶାବକ ସମୁଦ୍ରକୁ ଯାଇ ସାରିଲେଣି। ଏହି ପ୍ରକ୍ରିୟା ଆହୁରି ୬ରୁ୭ ଦିନ ଧରିଚାଲିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ ମାର୍ଚ୍ଚ ୨୩ରୁ ୨୮ ତାରିଖ ମଧ୍ୟରେ ନାସୀ-୨ ଦ୍ୱୀପରେ ୫ ଲକ୍ଷ ୧ ହଜାର କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ମାଆ କଇଁଛ କୂଳଠାରୁ ନିରାପଦ ଦୂରତ୍ୱକୁ ଆସି ଗୋଟିଏ ଫୁଟରୁ ଦେଢ ଫୁଟ ଗଭୀରର ଗାତ ଖୋଳି ଅଣ୍ଡା ଦେଇଥିଲେ। ପ୍ରତ୍ୟେକ ମାଆ କଇଁଛ ୧୦୦ରୁ ଅଧିକ ଅଣ୍ଡା ଦେଇଥାନ୍ତି। ଅଣ୍ଡା ଦେଇ ସାରିବା ପରେ ମାଆ କଇଁଛ ତାହାର ଗାତକୁ ବାଲିରେ ଘୋଡାଇ ଅଣ୍ଡାଗୁଡିକୁ ଲୁଚାଇ ସମୁଦ୍ରକୁ ଚାଲି ଯାଇଥାଏ। ସୂର୍ଯ୍ୟଙ୍କ ଉତାପରେ ଉଷୁମ ହୋଇ ଅଣ୍ଡାଗୁଡିକ ଆପେ ଆପେ ୪୫ରୁ ୬୦ ଦିନ ମଧ୍ୟରେ ଫୁଟିଥାଏ। କଇଁଛ ଶାବକ ଗାତରୁ ବାହାରି ସିଧା ସମୁଦ୍ର ଆଡକୁ ଯାଇଥାନ୍ତି। ସନ୍ଧ୍ୟାରୁ ଭୋର ଯାଏଁ କଇଁଛ ଶାବକ ଗାତରୁ ବାହାରି ସମୁଦ୍ରକୁ ଯାଇଥାନ୍ତି। ରାତିର ଅନ୍ଧାର ସମୟରେ ହିଁ ବିରଳ କଇଁଛ ଶାବକଙ୍କ ସମୁଦ୍ରକୁ ଯିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଥାଏ। ଆଲୋକ ପଡିଲେ କଇଁଛ ଶାବକ ଏଣେତେଣେ ଚାଲିଯିବାର ସମ୍ଭାବନା ଥାଏ ସେଥିପାଇଁ ନିକଟସ୍ଥ ଅବଦୁଲକାଲାମ ଦ୍ୱୀପର ଉଜ୍ଜ୍ୱଳ ଆଲୋକକୁ ବନ୍ଦ ରଖାଯାଇଛି। କଇଁଛ ଛୁଆଗୁଡିକୁ କୁକୁର, ବିଲୁଆ ଓ ଶିକାରୀ ପକ୍ଷୀମାନେ ଖାଇବାର ସମ୍ଭାବନା ଥିବାରୁ ସେମାନଙ୍କ ସୁରକ୍ଷାକୁ ବନ ବିଭାଗ ପକ୍ଷରୁ କଡାକଡି କରାଯାଇଛି ବୋଲି ଡିଏଫ୍ଓ ଯଜ୍ଞଦତ୍ତ ପତି କହିଛନ୍ତି।

# 'ସଂଘର୍ଷ ବିନା ଶୀର୍ଷରେ ପହଞ୍ଚିବା ଅସମ୍ଭବ'

**ଅନୁଗୋଳ ଅଫିସ,୧୧।୫**

ଅନୁଗୋଳସ୍ଥିତ ଐତିହାସିକ ବାଜି ରାଉତ ଛାତ୍ରାବାସର ୭୬ତମ ପ୍ରତିଷ୍ଠା ଦିବସର ଉଦ୍‌ଯାପନୀ ସମାରୋହ ବୁଧବାର ଛାତ୍ରାବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରାବାସ ସଭାନେତ୍ରୀ କୃଷ୍ଣା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହକୁ ଅବସରପ୍ରାପ୍ତ ସିଡିଏମଓ ଡା. ବିଚ୍ଛନ୍ଦ ଚରଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଡା. ପ୍ରଧାନ କହିଥିଲେ ଯେ, ଓଡ଼ିଶାର ଶାନ୍ତିନିକେତନ କୁହାଯାଉଥିବା ବାଜି ରାଉତ ଛାତ୍ରାବାସର ପରିକଳ୍ପନା ୧୯୪୭ ମେ ୧୧ରେ ହୋଇଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ମନୋଜ ମହାପାତ୍ର ଏବଂ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବୈଷ୍ଣବ ଚରଣ ମହାନ୍ତି ଯୋଗଦାନ କରି ସଂଘର୍ଷ ବିନା ମଣିଷ ଶୀର୍ଷରେ ପହଞ୍ଚିବା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ କିଭଳି ମୌଳିକ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିଲା ତାହା ବର୍ଣ୍ଣନା କରିଥିଲେ। ଛାତ୍ରାବାସ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲେ ମଧ୍ୟ ଆଜି ବି ପରିଚୟ ହରାଇ ନ ଥିବା ସଭାନେତ୍ରୀ ମହାନ୍ତି କହିଥିଲେ। ଏହି ଦିବସ ଅବସରରେ ହସ୍ତଶିଳ୍ପ ଓ ଫଟୋଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। କବୟିତ୍ରୀ ଇନ୍ଦିରା ଦାଶ, ସମ୍ପାଦକ ଭାବଗ୍ରାହୀ, ଧନେଶ୍ୱର ସାହୁ, କୈଳାସ ସାହୁ, କୁମୁଦ ନାୟକ, ଅନ୍ତର୍ଯ୍ୟାମୀ ବରାଳ, ଆନନ୍ଦ ମହାପାତ୍ର, କୁଳମଣି ବେହେରା, ମୁରଲୀଧର ମୁଳିଆ, ଶିବରାମ ମିଶ୍ର, ଶଙ୍କର ବେହେରା, ଅମ୍ଳାନ ମହାନ୍ତି, ଆଦ୍ୟଶ୍ଳୋକ, ସୁଜାତା ପ୍ରୀତିନନ୍ଦା, ସୂର୍ଯ୍ୟ ନାରାୟଣଙ୍କ ସହିତ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପୃଥକ୍ ସ୍ଥାନରେ ବିଦ୍ୟୁତ୍ ଆଘାତରେ ୨ ମୃତ

**ଗଞ୍ଜାମ/ଗୋପାଳପୁର,୧୧।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ରମ୍ଭା ଓ ଗୋପାଳପୁର ଥାନା କନିଷି ଅଞ୍ଚଳରେ ବୁଧବାର ବିଦ୍ୟୁତ୍ ଆଘାତରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ରମ୍ଭା ମଧୁରଚୁଆ ଗ୍ରାମର ଜନାର୍ଦ୍ଦନ ନାହାକ ଓ କନିଷି ହାଟ ରାମହରି ନଗରର ଭାଲୁ ଗୌଡ଼।

ବିଟି ନୂଆଗାଁର ଝିଅର ଭଞ୍ଜନଗର ଅଞ୍ଚଳର ଜଣେ ପୁଅଙ୍କ ପାଲିଙ୍କି ଚଢା ବିବାହ ଉତ୍ସବ ବିଟି ନୂଆଁଗାରେ ଆୟୋଜିତ ୪ ଦିନ ପୂର୍ବରୁ ହୋଇଥିଲା। ଝିଅକୁ ବିଦାୟ ଦେବାପାଇଁ ଅପରାହ୍ନରେ ଏକ ବସ୍‌ରେ ଉପହାର ସାମଗ୍ରୀ ହେଲ୍‌ପର ସହ ସମ୍ପର୍କୀୟ ଦାଦା ଜନାର୍ଦ୍ଦନ ସଜାଡୁଥିବା ବେଳେ ଦୁହେଁ ଉପରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ବ୍ରହ୍ମପୁର ମେଡିକାଲ ପଠାଯାଇଥିଲା। ସେଠାରେ ଡାକ୍ତର ଜନାର୍ଦ୍ଦନଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କନିଷି ମଦନମୋହନପୁର ରାସ୍ତାରେ ଏକ ଘର ନିର୍ମାଣ କାର୍ଯ୍ୟରେ ଭାଲୁ ଗୌଡ଼ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବା ବେଳେ ବୁଧବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୋଳନ୍ଥରା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ.୧୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ଅଷ୍ଟାଦଶ ଶତାବ୍ଦୀର ପୀଠକୁ ଅବହେଳା



ପୀଠ ପରିଦର୍ଶନ ଅବସରରେ ଏମ୍‌ପିଙ୍କ ସମେତ ଅନ୍ୟମାନେ।

- ରୁଗଡ଼ି ପାହାଡ଼ ଜଗନ୍ନାଥ ମନ୍ଦିରକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି
- ଏମ୍‌ପିଙ୍କୁ ଦାବି ଜଣାଇଲେ ଜଗନ୍ନାଥ ଚେତନା ସମିତି କର୍ମକର୍ତ୍ତା

**ଢେଙ୍କାନାଳ ଅଫିସ, ୧୧।୫**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବାଇଶିଆଁ ରୁଗଡ଼ି ପାହାଡ଼ର ସବୁଜିମାମୟ ପରିବେଶରେ ପୂଜା ପାଉଥିବା ଶ୍ରୀଜଗନ୍ନାଥ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିବାକୁ ଦାବି କରିଛି ଜଗନ୍ନାଥ ଚେତନା ସମିତି। ବୁଧବାର ଏମ୍‌ପି ମହେଶ ସାହୁ ପୀଠ ପରିଦର୍ଶନରେ ଆସିଥିବାବେଳେ ମନ୍ଦିର କମିଟି ସଭାପତି ଶ୍ରୀକାନ୍ତ ପଣ୍ଡା, ସଦସ୍ୟ ଏବଂ ଗ୍ରାମବାସୀ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ପୀଠ ନିକଟରେ ସରକାରୀ ଯୋଜନାରେ ଗ୍ରାମ୍ୟ ଉଦ୍ୟାନ ନିର୍ମାଣ କରାଯିବ। ଏହାକୁ ଆଦର୍ଶ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବାକୁ ସମସ୍ତ ଉଦ୍ୟମ କରାଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

୧୮୫୩ ଖ୍ରୀଷ୍ଟାବ୍ଦରୁ ମହାପ୍ରଭୁଙ୍କ ଚତୁର୍ଦ୍ଧା ବିଗ୍ରହ ଉକ୍ତ ଗୁମ୍ଫାରେ ପୂଜା ପାଇ ଆସୁଛନ୍ତି। ଗ୍ରାମର କେତେଜଣ ଉତ୍ସାହୀ ବ୍ୟକ୍ତି ଠାକୁରଙ୍କ ପ୍ରତିକୃତିକୁ ଶ୍ରୀକ୍ଷେତ୍ରରେ ବିରାଜିତ ମହାପ୍ରଭୁଙ୍କ ସିଂହାସନରେ ଛୁଆଁଇ ପାହାଡ଼ର ପ୍ରାକୃତିକ ପଥର ଗୁମ୍ଫାରେ ସ୍ଥାପନ କରି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ସପ୍ତାହରେ ଥରେ ଏକାସଙ୍ଗେ ସାତଥାଳି ଭୋଗ ଲାଗି କରାଯାଉଥିଲା। ୧୯୮୦ରେ ସ୍ଥାନୀୟ ଅଚ୍ୟୁତାନନ୍ଦ ପତିଙ୍କ ଉଦ୍ୟମରେ ପାହାଡ଼ ଶୀର୍ଷରେ ସ୍ଥାୟୀ ପକ୍କା ଛାତଘର ନିର୍ମାଣ କରାଯାଇ ସେଠାରେ ବିଗ୍ରହଙ୍କ ପୂଜା ଚାଲିଛି। ଅଦ୍ୟାବଧି ୭୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମନ୍ଦିରର ସ୍ଥାୟୀ ସଭ୍ୟ ହୋଇସାରିଲେଣି। ବ୍ୟାଙ୍କରେ ଗଚ୍ଛିତ ୪ଲକ୍ଷ ଟଙ୍କାର ସୁଧରେ ମନ୍ଦିର ପରିଚାଳିତ ହେଉଛି। ୨୦୧୫ରେ ଶ୍ରୀଜୀଉଙ୍କ ନବକଳେବର କରାଯାଇଛି। ୨୦୧୭ରୁ ପର୍ଯ୍ୟାୟକ୍ରମେ ପାହାଡର ବିଭିନ୍ନ ସ୍ଥାନରେ ଶ୍ରୀକୃଷ୍ଣଙ୍କ ଗିରିଗୋବର୍ଦ୍ଧନ ଧାରଣ, ଯୋଗାରୂଢ଼ ଶିବ, ହନୁମାନଜୀଉ, ଗୋମାତାଙ୍କ ସହ ବାଳଗୋପାଳ, ଶ୍ରୀଚୈତନ୍ୟ ଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏକ ହରିଣପଲ ପ୍ରତିକୃତି ଶୋଭା ବଢ଼ାଉଛି। ପୀଠକୁ ଯିବା ପାଇଁ ୫୦ରୁ ଊର୍ଦ୍ଧ୍ୱ ପାହାଚ ରହିଥିବାବେଳେ ଏହାର ଉଭୟ ପାର୍ଶ୍ୱରେ ଷ୍ଟିଲ୍ ରେଲିଂ ଦିଆଯାଇଛି। ତେବେ ଏଭଳି ଏକ ପ୍ରାଚୀନ ପୀଠକୁ ଅଦ୍ୟାବଧି ଦେବୋତ୍ତର ବିଭାଗର ଶୁଭ ଦୃଷ୍ଟି ପଡ଼ି ନ ଥିବା ପରିଚାଳନା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି।

କାର୍ଯ୍ୟକ୍ରମରେ ଜିଲା ଜଗନ୍ନାଥ ଚେତନା ସମିତି ସଭାପତି ପ୍ରଦ୍ୟୁମ୍ନ ରଥ, ଶିଳ୍ପୋଦ୍ୟୋଗୀ କ୍ଷେତ୍ରବାସୀ ସାହୁ, ମନ୍ଦିର ସଂସ୍ଥାପକ ଅଚ୍ୟୁତାନନ୍ଦ ପତି, ଯାତ୍ରା କଳାକାର ରାଜେନ୍ଦ୍ର ପତି, ସାମାଜିକ କର୍ମୀ ନଗେନ ବେହେରା, ଶ୍ୟାମସୁନ୍ଦର ସାହୁ, ସଦାଶିବ ମହାପାତ୍ର, ଦୁଷ୍ମନ୍ତ ମହାନ୍ତି, ଜିତେନ୍ଦ୍ର ପଟ୍ଟନାୟକ, ମହେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୀଠରେ ଏକ ବିଶ୍ରାମ ଗୃହ ନିର୍ମାଣ ପାଇଁ ଏମ୍‌ପିଙ୍କୁ ଅନୁରୋଧ କରାଯାଇଛି।

# ବିବାହ ଉତ୍ସବରେ ଯୁବକଙ୍କୁ ହତ୍ୟା

## ପୂର୍ବ ଶତ୍ରୁତାରୁ ଛୁରି ଭୁସିଲେ ନାବାଳକ

**ସମ୍ବଲପୁର,୧୧।୫(ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲା ଥାନା ସଦେଇପାଲି କଲ୍ୟାଣମଣ୍ଡପରେ ମଙ୍ଗଳବାର ରାତିରେ ଏକ ବିବାହ ଉତ୍ସବରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ସୁମିତ ଷଣ୍ଡ (୨୬)। ଭୋଜି ବାଣ୍ଟୁଥିବା ସମୟରେ ଜଣେ ନାବାଳକ ସୁମିତଙ୍କ ପେଟରେ ଛୁରି ଭୁସି ହତ୍ୟା କରିଛନ୍ତି। ପୋଲିସ ନାବାଳକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। କଲ୍ୟାଣ ମଣ୍ଡପ ସିଲ୍ ହୋଇଥିବାବେଳେ ହତ୍ୟାରେ ବ୍ୟବହୃତ ଛୁରି ଜବତ ହୋଇଛି। ହତ୍ୟାକାଣ୍ଡର କାରଣ ପୂର୍ବଶତ୍ରୁତା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା କହିଛି ।

ପୋଲିସ ସୂଚନା ଅନୁସାରେ ସୁମିତ ଓ ନାବାଳକଙ୍କ ପରିବାର ମଧ୍ୟରେ ଏକବର୍ଷ ପୂର୍ବରୁ ଗଣ୍ଡଗୋଳ ଓ ମାରପିଟ ହୋଇଥିଲା। ସୁମିତଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ନାବାଳକଙ୍କ ବାପାଙ୍କୁ ପୋଲିସ ଗିରଫ କରିଥିଲା। ଏହି ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଥିଲା। ସୁମିତଙ୍କୁ ହତ୍ୟା କରିବାକୁ ଅନେକ ଥର ନାବାଳକ ଯୋଜନା କରିଥିବା ବେଳେ ବିଫଳ ହୋଇଥିଲେ। ମଙ୍ଗଳବାର ରାତିରେ ସୁମିତଙ୍କ ଘର ପାଖ କଲ୍ୟାଣମଣ୍ଡପରେ ବିବାହ ଉତ୍ସବ ହେଉଥିଲା। ଏଥିରେ ସୁମିତଙ୍କ ସମେତ ପରିବାର ଲୋକେ ଯୋଗ ଦେଇଥିଲେ। ନାବାଳକ ଏହା ଜାଣିବା ପରେ ହତ୍ୟା ଯୋଜନା କରି ବିବାହ ଉତ୍ସବକୁ ଆସିଥିଲେ। ସୁମିତ ଖାଦ୍ୟ ବଣ୍ଟନରେ ସହଯୋଗ କରୁଥିଲେ। ଏହି ସମୟରେ ନାବାଳକ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଏହା ଦେଖି ଲୋକମାନେ ନାବାଳକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଗୁରୁତର ସୁମିତଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୭୦/୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ଭିଜିଲାନ୍ସ ଟିମ୍ ହାତରୁ ଖସିଗଲେ ବିଇଓ

## ୨୦ହଜାର ଲାଞ୍ଚ ଟଙ୍କା ଜବତ

**କେନ୍ଦ୍ରାପଡ଼ା ଅଫିସ/ ମାର୍ଶାଘାଇ,୧୧।୫(ଡି.ଏନ.ଏ.)**

ଏକ ଲାଞ୍ଚ ଘଟଣାରେ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ(ବିଇଓ) ଶତ୍ରୁଘ୍ନ ବେହେରାଙ୍କୁ ଗିରଫ କରିବା ପାଇଁ କଟକ ଭିଜିଲାନ୍ସ ଟିମ୍ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଥିଲା। ବିଇଓ କୌଶଳକ୍ରମେ ଖସି ଯାଇଛନ୍ତି। ତେବେ ଭିଜିଲାନ୍ସ ଟିମ୍ ତାଙ୍କ ଟେବୁଲ ଡ୍ରରୁ ୨୦ ହଜାର ଲାଞ୍ଚ ଟଙ୍କା ଜବତ କରିଛି। ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଜାରି ରହିଛି ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।

ସୂଚନା ଅନୁଯାୟୀ, ଅବସରପ୍ରାପ୍ତ କିରାଣି ଭଞ୍ଜ କିଶୋର ନାୟକଙ୍କ ପ୍ରୋଭିଜନାଲ ପେନ୍‌ସନ ଓ ଅନ୍ୟ ଅବସରକାଳୀନ ପ୍ରାପ୍ୟ କରାଇ ଦେବାକୁ କହି ବିଇଓ ୨୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବହୁଦିନ ଅଫିସକୁ ଦୌଡି ତାଙ୍କର ପେନ୍‌ସନ ହୋଇ ନ ଥିଲା। ଟଙ୍କା ନ ଦେଲେ ତୁମର କୌଣସି କାମ ହେବ ନାହିଁ ବୋଲି ବିଇଓ କୁଆଡ଼େ କହିଥିଲେ। ଏ ସଂକ୍ରାନ୍ତରେ ଅବସରପ୍ରାପ୍ତ କିରାଣି ନାୟକ କଟକ ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ରାସାୟନିକ ପ୍ରଲୋପ ଲାଗିଥିବା ୨୦ହଜାର ଟଙ୍କା ନେଇ ଅବସରପ୍ରାପ୍ତ କିରାଣି ନାୟକ ବୁଧବାର ସକାଳୁ ବିଇଓଙ୍କ ଅଫିସରେ ପହଞ୍ଚିଥିଲେ। ସେହି ସମୟରେ ଅଫିସରେ ଝାଡୁମରା ହେଉଥିଲା। ଏହି ସୁଯୋଗରେ ଅବସରପ୍ରାପ୍ତ କିରାଣି ନାୟକ ଶିକ୍ଷାଧିକାରୀଙ୍କ ଟେବୁଲ ଡ୍ରରେ ଲାଞ୍ଚ ଟଙ୍କା ରଖିଥିଲେ ବୋଲି କୁହାଯାଇଛି। ସକାଳ ପ୍ରାୟ ସଢେ ୯ଟା ସମୟରେ ବିଇଓ ଅଫିସକୁ ଆସି ତାଙ୍କ ଟେବୁଲ ଡ୍ର ଅଧା ଖୋଲାଥିବା ଓ ସେଥିରେ ଟଙ୍କା ରହିଥିବା ଦେଖିଥିଲେ। ଏହି ସମୟରେ କଟକ ଭିଜିଲାନ୍ସର ଏକ ଟିମ୍ ଅଚାନକ ବିଇଓଙ୍କ ଅଫିସ୍‌ରେ ପହଞ୍ଚି ତନାଘନା ଚଳାଇ ଥିଲେ। ଏକଥା ଜାଣିବା ପରେ ବିଇଓ କୌଶଳକ୍ରମେ ଅଫିସରୁ ଖସି ପଳାଇଥିଲେ। ଭିଜିଲାନ୍ସ ଟିମ୍ ଏବିଇଓ ଦିଲୀପ କୁମାର ମଲ୍ଲ ଓ ପିଅନ ସରୋଜ ସାମଲଙ୍କ ଉପସ୍ଥିତିରେ ସେହି ଟଙ୍କା ଜବତ ସହ ସେମାନଙ୍କୁ ନିଜ ହେପାଜତକୁ ନେଇଥିଲେ। ଉକ୍ତ ଘଟଣାର ତଦନ୍ତ ଚାଲିଛି। ଏ ନେଇ ବିଇଓଙ୍କ ସହଯୋଗାଯୋଗ କରାଯାଇଥିଲା। ତାଙ୍କ ମୋବାଇଲ ଫୋନ୍ ସୁଇଚ ଅଫ ଥିଲା। କଟକ ଭିଜିଲାନ୍ସ ଟିମ୍ ନଂ.୩୨/୨୨ରେ ମାମଲା ରୁଜୁ ହୋଇଛି।

ଜନ୍ମଦିନ ଶୁଭେଚ୍ଛା



ଅଂଶୁମାନ ମହାନ୍ତି (ଛୋଟୁ)
ଆଜି ତୋର ପବିତ୍ର ନବମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା, ସେ ତୋର ଚଳାପଥକୁ କୁସୁମିତ କରିବା ସହିତ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ବାପା, ବୋଉ, ଜେଜେମା', ଜେଜେବାପା, ଅଜା, ଆଈ, ବଡ଼ବାପା, ବଡମା', ସାନବଡବାପା, ଅପା, ପିଉସା, ଭାଇ, ଭଉଣୀ, ମାମୁ, ମାଇଁ ଓ ପରିବାରବର୍ଗ।
ଧ-୪୦୫

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385
8637280816, 7894447167, 9338226625

Pratichi
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀ ପାଇଁ
ପୁରୀ, କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ପ୍ରତିଚୀ ଡାଏରୀ ପ୍ରଡ଼କ୍ଟ ପ୍ରା.ଲି.
ପ୍ଲଟ୍ ନଂ-୨୫୫, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ।
Email : pratichidairyproducts@gmail.com
Mob : 9853003317

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କେଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 9470149388
Whatsapp: 9470149608

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ରମା କମିଳା
ଭୀମଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ- ୦୯।୦୪।୧୯୪୭
ତିରୋଧାନ- ୨୨।୦୫।୨୦୨୧
ଆମର ପରମ ପୂଜ୍ୟା ମାଆ, ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ଜୀବନର ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
- ଶୋକସନ୍ତପ୍ତ -
ଅଶୋକ, ସୁନୀତା, ଅଞ୍ଜଳି, ମନୀଷା, ରୁଦ୍ରାକ୍ଷ, ସୁଶୀଲ୍, ନିକୁ, ଚିକୁ।
ଧ-୭୦୨୭୫

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅମିୟ କୃଷ୍ଣ କମିଳା
ଭୀମଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୦୪।୧୦।୧୯୭୦
ତିରୋଧାନ: ୦୯।୦୬।୨୦୨୧
ଆମର ପରମ ପୂଜ୍ୟ ଭାଇ, ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ଜୀବନର ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:- ସ୍ତ୍ରୀ- ସୁନୀତା ପରିଡ଼ା, ଝିଅ- ମନୀଷା, ଲୁଟୁ, ଗୀତାଞ୍ଜଳି, ରୁଦ୍ରାକ୍ଷ, ମନଭାଇ, ନିକୁ, ଚିକୁ।
ଧ-୭୦୨୭୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଆଶିଷ ଦାସ
ପୂର୍ବତନ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗୀର
ଆବିର୍ଭାବ: ୨୨।୦୫।୧୯୭୧
ତିରୋଧାନ: ୧୧।୦୫।୨୦୨୧
ଆପଣ ବିଦାୟ ନେବାର ବର୍ଷଟିଏ କେମିତି ବିତିଗଲା ଜଣାପଡିଲାନି। ଆପଣ ଥିଲେ ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟ ପରାୟଣତାର ପ୍ରତୀକ। ଆପଣଙ୍କ କାର୍ଯ୍ୟନିଷ୍ଠା, ନେତୃତ୍ୱ ନେବାର ଦକ୍ଷତା ଆମ ସମସ୍ତଙ୍କ ପାଇଁ ଉଦାହରଣ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଆମେ ସମସ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଓଡ଼ିଶା କୃଷି ବିଜ୍ଞାନ କେନ୍ଦ୍ର ପରିବାର
ଧ-୪୦୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ନିକୁଞ୍ଜବିହାରୀ ଦାଶ
ତୁଳାପଡା,ଜିଲ୍ଲା-କଳାହାଣ୍ଡି
ଭୂମିଷ୍ଠ-ତା.୧୯.୧୦.୧୯୫୧
ଇହଧାମ ତ୍ୟାଗ- ତା.୨୨.୦୫.୨୦୨୧
ପ୍ରଥମ ଶ୍ରାଦ୍ଧବାର୍ଷିକୀ-୧୨.୦୫.୨୦୨୨
ବାପା, ଆପଣଙ୍କ ଇହଧାମ ତ୍ୟାଗ ଏହି ବର୍ଷେ ଅତିକ୍ରାନ୍ତ ହୋଇଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଅଭୁଲା ହୋଇ ରହିଯାଇଛି। ଅଫେରା ରାଇଜରେ ଆପଣଙ୍କ ଆତ୍ମା ପୁଣ୍ୟାତ୍ମାରେ ପରିଣତ ହେଉ। ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କଠାରେ ଆମେ ଶୁଭକାମନା ମନାସୁଛୁ। ଆପଣଙ୍କ ଆତ୍ମାଶୀର୍ବାଦ ସଦା ରହିଥାଉ।
ଆପଣଙ୍କ ପତ୍ନୀ ସୁବାସିନୀ, ପୁତ୍ର ସତ୍ୟବ୍ରତ ଦାଶ, କନ୍ୟା ମୌସୁମୀ, ବର୍ଷାରାଣୀ, ଶ୍ରାବଣୀ। ତୁଳାପଡା, କଳାହାଣ୍ଡି
ଧ-୪୦୧

ସ୍ମୃତିର....



୰ସତ୍ୟନାରାୟଣ ମହାନ୍ତି
ତିରୋଧାନ : ୨୮.୦୪.୨୦୨୨
ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଇହଲୀଳା ସମ୍ବରଣ କଲେ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:- ଦେବବ୍ରତ, ଅପରାଜିତା, ଜନ୍, କବିତା, ସବିତା, ଆର୍ଯ୍ୟନ, ଦିବ୍ୟା, ନିକିତା, ଯିଜ୍ଞିସା, ସାନ୍ୟା
୫୯, ବ୍ରହ୍ମେଶ୍ୱରପାଟଣା, ଟଙ୍କପାଣିରୋଡ଼, ଭୁବନେଶ୍ୱର
ଧ-୭୧୦୩୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଡ. ଆଶିଷ କୁମାର ଦାସ
ପୂର୍ବତନ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗୀର
ଆବିର୍ଭାବ: ୨୨।୦୫।୧୯୭୧
ତିରୋଧାନ: ୧୧।୦୫।୨୦୨୧
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ମୃତିଚାରଣ କରିଥିଲେ- କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀ ତଥା ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ କୃଷି ଅଧିକାରୀ, ଗୁଡ଼ଭେଲା, ସହକାରୀ ବିହନ ଉତ୍ପାଦନ ଅଧିକାରୀ, ଅଧକ୍ଷ, ଆଗ୍ରୋ ପଲିଟେକ୍‌ନିକ୍ ଏବଂ କୃଷି ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସ୍ୱର୍ଗତ ଆଶିଷଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।
ଧ-୪୧୩

ପଞ୍ଚଦଶ ଶ୍ରାଦ୍ଧବାର୍ଷିକ



୰ପ୍ରେମଲତା କାନୁନ୍‌ଗୋ
ସ୍ୱାମୀ-୰ ଗୋଲକ ଚନ୍ଦ୍ର କାନୁନ୍‌ଗୋ
ପୁରଣ ଅଳାବୋଳ, ଜଗତ୍‌ସିଂହପୁର
ଆବିର୍ଭାବ-୨୧।୦୫।୧୯୨୩
ତିରୋଧାନ- ୨୮।୦୪।୨୦୦୦୭
(ମୋହିନୀ ଏକାଦଶୀ)
ଆପଣଙ୍କର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକାକୁଳ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୪୦୨

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଡଃ ପଦ୍ମିନୀ ମିଶ୍ର
ଆବିର୍ଭାବ - ୦୧.୦୨.୧୯୪୫
ତିରୋଧାନ - ୦୨.୦୫.୨୦୧୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୧୯୯୩

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ବଇଣ୍ଡା,୧୧।୫(ଡି.ଏନ.ଏ.)- କିଶୋରନଗର ବ୍ଲକ ବାମୁର ରେଞ୍ଜ ଫାଶୀପାଳ ଗ୍ରାମର କୀର୍ତ୍ତନ ସାହୁ (୪୫) ବୁଧବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଘଟଣାରୁ ଜଣାପଡିଛି, କୀର୍ତ୍ତନ ନିକଟସ୍ଥ ଜଙ୍ଗଲକୁ ପତ୍ର ତୋଳିବା ପାଇଁ ଯାଇଥିବାବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ ଦାବି କରିଛନ୍ତି।

### ଶାଶୁ ଶ୍ୱଶୁରଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୧।୫(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ମଧପୁର ଗ୍ରାମର ଗଗନ ନାୟକଙ୍କ ସ୍ତ୍ରୀଙ୍କୁ ତାଙ୍କ ବୋହୂ ପ୍ରମିଳା ନାୟକ ମାଡ଼ ମାରିଥିବା ମଙ୍ଗଳବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୨୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପ୍ରମିଳା ତାଙ୍କ ଶ୍ୱଶୁର ଗଗନ ଓ ଶାଶୁଙ୍କୁ ଖାଇବାକୁ ଠିକ୍ ଭାବେ ନ ଦେଇ ବିନା କାରଣରେ ମାଡ଼ ମାରୁଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଶ୍ରାଦ୍ଧବାର୍ଷିକୀରେ ଫଳ ବଣ୍ଟନ



ମାଧପୁର,୧୧।୫(ଡି.ଏନ.ଏ.)- ପୂର୍ବତନ ଜିଲାଜଜ୍ ଦୁଃଖିଶ୍ୟାମ ଚାଉଳିଆଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ସ୍ମୃତିସଭା କୁଦଗାଁ ପଞ୍ଚାୟତ ନୀଳକଣ୍ଠପଡାଠାରେ ଅନୁଷ୍ଠିତ ହୋଇଯାଇଛି। ସେହିପରି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଏବଂ ଆଠମଲ୍ଲିକ ବାଳାଶ୍ରମରେ ଥିବା ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ନୀଳକଣ୍ଠପଡା ଶିବ ମନ୍ଦିର ଠାରେ ସ୍ୱର୍ଗତ ଚାଉଳିଆଙ୍କ ସ୍ମୃତିଚାରଣ କରାଯିବା ପୂର୍ବକ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ଜଷ୍ଟିସ ବି.ପି. ଦାସ, ସୁପ୍ରିମକୋର୍ଟ ଓକିଲ ମନୋଜ ରଥ, ହୃଦାନନ୍ଦ ଚାଉଳିଆ, ଓଡ଼ିଶା ପ୍ରଦେଶ କଂଗ୍ରେସ ସମ୍ପାଦକ ବିଜୟାନନ୍ଦ ଚାଉଳିଆ, କମଳାକାନ୍ତ ପ୍ରଧାନ, କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତୀ ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଠପଡା ଶିବ ମନ୍ଦିରଠାରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

### ୫ ପରିବାରକୁ ହରିଶ୍ଚନ୍ଦ୍ର ସହାୟତା



କଣିହାଁ,୧୧।୫(ଡି.ଏନ.ଏ.)- କଣିହାଁ ବ୍ଲକ ବିଜିଗୋଳ ପଞ୍ଚାୟତରେ ୫ ମୃତକ ଯଦୁମଣି ପାଣି, ସୁରେଶ ନାଏକ, ସହଦେବ ଖୁଣ୍ଟିଆ, ଜେମା ପ୍ରଧାନ, ତଅଁଲୁ ପ୍ରଧାନଙ୍କ ପରିବାରକୁ ବୁଧବାର ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଅର୍ଥ ପ୍ରଦାନ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରୁକ୍ମଣୀ ପ୍ରଧାନ ଉପସ୍ଥିତ ରହି ସମ୍ପୃକ୍ତ ୫ ପରିବାରଙ୍କୁ ୨ ହଜାର ଟଙ୍କା ଲେଖାଏଁ ସରକାରୀ ସହାୟତା ପ୍ରଦାନ କରିଥିଲେ ବୋଲି ସାମାଜିକ କର୍ମୀ ସୁନନ୍ଦ ସାହୁ ସୂଚନା ଦେଇଛନ୍ତି।

# ବଢୁଛି ବର୍ଷା ଜଳ ନିଷ୍କାସନ ଚିନ୍ତା

■ଡ୍ରେନ୍ ନିର୍ମାଣ ଟେଣ୍ଡରରେ ବିଳମ୍ବ

■ପୌର ପାଳିକାରେ ଦୋଷ ଠେଲାଠେଲି



ଅନୁଗୋଳ ଅଫିସ, ୧୧।୫

ଦୀର୍ଘଦିନ ହେଲା ଅନୁଗୋଳ ସହରର ଡ୍ରେନ୍ ଅବସ୍ଥା ଠିକ୍ ନାହିଁ। କେଉଁଠି ଡ୍ରେନ୍ ପୋତି ହୋଇପଡ଼ିଛି ତ କେଉଁଠି ସଫେଇ ହେଉ ନାହିଁ। ଆଗକୁ ବର୍ଷା ଆସୁଥିବାରୁ ଏହା ପୂର୍ବରୁ କାମ ଶେଷ କରା ନ ଗଲେ ସହରରୁ ବର୍ଷା ଜଳ ନିଷ୍କାସନ ହୋଇପାରିବ ନାହିଁ। ତେବେ ଏଥିପ୍ରତି ଜିଲା ପ୍ରଶାସନ କି ପୌର ପ୍ରଶାସନର ସେପରି ନିଘା ନ ଥିବା ଅଭିଯୋଗ ହେଉଛି। କାରଣ ଡ୍ରେନ୍ ନିର୍ମାଣ କାର୍ଯ୍ୟ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାକୁ ପ୍ରଶାସନ ପକ୍ଷରୁ ବିଳମ୍ବ କରାଯାଇଥିବା କେତେଜଣ କାଉନସିଲର ଓ ଜନସାଧାରଣ ଅଭିଯୋଗ ଆଣିଛନ୍ତି। ବର୍ଷା ପୂର୍ବରୁ ଡ୍ରେନ୍ କାର୍ଯ୍ୟ ଶେଷ କରା ନ ଗଲେ ସହରବାସୀ ଆବର୍ଜନା ପାଣିରେ ଘାଣ୍ଟିଚକଟି ହେବେ ବୋଲି ସେମାନେ କହିଛନ୍ତି।

ପ୍ରକାଶ ଯେ, ସାଧାରଣ ନିର୍ବାଚନ ପୂର୍ବରୁ ଅନୁଗୋଳ ସହରର ୨୩ଟି ୱାର୍ଡରେ ଡ୍ରେନ୍ କାର୍ଯ୍ୟ ହେବ ବୋଲି ଖସଡ଼ା ପ୍ରସ୍ତୁତ ହୋଇଥିଲା। କେଉଁ ସ୍ଥାନରେ ଡ୍ରେନ୍ ନିର୍ମାଣ କରାଯିବ ଓ ସଫେଇ ହେବ ତାକୁ ନେଇ ଗତ ଫେବୃୟାରୀରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ପରେ ନିର୍ବାଚନ ଆଚରଣବିଧି ଲାଗୁ ହେବାରୁ ଟେଣ୍ଡର ପ୍ରକ୍ରିୟା ହୋଇପାରି ନ ଥିଲା। ତେବେ ଆଚରଣ ବିଧି ଉଠିବା ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାର୍ଚ୍ଚ ୨୮ରେ ଟେଣ୍ଡର କରାଯାଇ ଏପ୍ରିଲ ୬ରେ ଖୋଲାଯାଇଥିଲା। କିନ୍ତୁ ଏହି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଠିକାଦାରଙ୍କୁ ବିଭିନ୍ନ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରାଗଲା। ଏଭଳି କି ଟେଣ୍ଡର ବାତିଲ କରାଯିବ ବୋଲି କୁହାଗଲା। କେବଳ ସେତିକି ନୁହେଁ, ଟେଣ୍ଡର ଦସ୍ତାବିଜ୍‌ରେ ମଧ୍ୟ ମୋହର ମରାଗଲା ନାହିଁ। ଏହାଛଡ଼ା ସହରରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଟେଣ୍ଡରରେ ମଧ୍ୟ ମେ ୯ ତାରିଖରେ ନଗରପାଳ ମୋହର ମାରିବାରୁ ବିଳମ୍ବ ହେଉଥିବା ପୌରପାଳିକାର କେତେକ କାଉନସିଲର କହିଛନ୍ତି। ଫଳରେ ଏବେ ବର୍ଷା ଦିନ ଆସୁଥିବାରୁ ସହରର ଡ୍ରେନ୍ କାର୍ଯ୍ୟ କିଭଳି ଭାବେ ଶେଷ ହେବ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ୪୫ରୁ ୫୦ ଦିନ ମଧ୍ୟରେ ଡ୍ରେନ୍ କାର୍ଯ୍ୟ ଶେଷ ହେବାକୁ ଥିବାବେଳେ ଏହା ମଧ୍ୟରେ ବର୍ଷା ଆସିଯାଇଥିବ। ତେଣୁ କାର୍ଯ୍ୟ ସାରିବା ସମ୍ଭବ ନୁହେଁ। ଆଉ ତରବରିଆ ଭାବେ କାର୍ଯ୍ୟ କରାଗଲେ ତାହା ନିମ୍ନମାନର ହେବ ବୋଲି ସହରବାସୀ କହିଛନ୍ତି। ଏ ସମ୍ପର୍କରେ କେତେଜଣ କାଉନସିଲର କହିଛନ୍ତି, ପ୍ରଥମ ବୈଠକରେ ଟେଣ୍ଡର ବାତିଲ କରାଯିବା ନେଇ ଦାବି କଥା ମିଛ। ବିଭିନ୍ନ ୱାର୍ଡରେ ହେବାକୁଥିବା ଏହି ଉନ୍ନୟନ କାର୍ଯ୍ୟକୁ କେଉଁ କାଉନସିଲର କାହିଁକି ବିରୋଧ କରିବେ।

#### ନିର୍ବାଚନ ଆଚରଣ ବିଧି ପାଇଁ ବିଳମ୍ବ



“ ନିର୍ବାଚନ ଆଚରଣ ବିଧି ଉଠିବା ପରେ ତୁରନ୍ତ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାପରେ ଆବଶ୍ୟକ କାଗଜପତ୍ରରେ ନଗରପାଳ ଦସ୍ତଖତ ମାରି ନ ଥିବାରୁ କାର୍ଯ୍ୟରେ ବିଳମ୍ବ ହେଉଥିଲା।

- ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ

#### ଟେଣ୍ଡର ଅନୁମୋଦନ କରାଯାଇଛି



“ ପୌର ପରିଷଦର ପ୍ରଥମ ବୈଠକରେ ଟେଣ୍ଡର ବାତିଲ କରିବାକୁ ଦାବି ହୋଇଥିଲା। ଏଥିରେ ହସ୍ତକ୍ଷେପ କରିବା ପରେ ଟେଣ୍ଡର ଆରମ୍ଭ ହେଲା। ପୌରପାଳିକାରେ ବହୁ ନିୟମ ରହିଛି। ସେହି ଅନୁଯାୟୀ ଟେଣ୍ଡର ଅନୁମୋଦନ କରାଯାଇଛି।

-ଅକ୍ଷୟ କୁମାର ସାମନ୍ତ, ନଗରପାଳ

#### ରାସ୍ତାରେ ପାଣି ସୁଅ ପରେ ବୁଦ୍ଧି ପଶିଲା

ବାତ୍ୟା ଅସାନି ପ୍ରଭାବରେ ମଙ୍ଗଳବାର ଅନୁଗୋଳ ସହରରେ ବର୍ଷା ହୋଇଥିଲା। ଜୋର୍‌ଦାର ବର୍ଷା ଯୋଗୁ ସହରର ବିଭିନ୍ନ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ସୁଅ ଚାଲିଥିଲା। ପାଣିର ଏହି ସୁଅ ଦେଖିବା ପରେ ଅନୁଗୋଳ ପୌର ପ୍ରଶାସନର ଚେତା ଉଦୟ ହୋଇଥିଲା। ନଗରପାଳ ଅକ୍ଷୟ କୁମାର ସାମନ୍ତଙ୍କ ଅଧକ୍ଷତାରେ ଏକ ବୈଠକ ବସିଥିଲା। ଉକ୍ତ ବୈଠକରେ ସହରରେ ଥିବା ବିଭିନ୍ନ ଡ୍ରେନ୍ ସଫେଇ କରାଯିବ ବୋଲି କୁହାଯାଇଛି। ଏଭଳି କି ଡ୍ରେନ୍‌ରୁ ଖଲି, ସୋଲ, ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ସାମଗ୍ରୀ ସଫେଇ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜେସିବି ଦ୍ୱାରା ଏହି ସଫେଇ କାର୍ଯ୍ୟ କରାଯିବ ବୋଲି ନଗରପାଳ ସାମନ୍ତ କହିଛନ୍ତି। ଏଥିସହ ପିଏଚଡି ଓ ଟେଲିଫୋନ୍ ସଂସ୍ଥାକୁ ମଧ ସେମାନଙ୍କ ପାଇପ ଡ୍ରେନ୍ ବାହାରେ ନେବାକୁ କୁହାଯାଇଛି। ସେମାନଙ୍କ ପାଇପ ପାଇଁ ଡ୍ରେନ୍ ଜାମ୍ ହେଉଥିବା ନଗରପାଳ ପ୍ରକାଶ କରିଛନ୍ତି।

## ବିରୁ ପଞ୍ଚାୟତର ଉନ୍ନତି ନେଇ ଆଲୋଚନା

କଣିହାଁ,୧୧।୫(ଡି.ଏନ.ଏ.)

କଣିହାଁ ବ୍ଲକ ବିରୁ ପଞ୍ଚାୟତରେ ବିଭିନ୍ନ ସମସ୍ୟା ରହିଛି। ଏହାର ସମାଧାନ ପାଇଁ ଦୀର୍ଘଦିନ ହେଲା ଦାବି କରାଯାଉଥିଲା। ବୁଧବାର ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପଞ୍ଚାୟତ ଗସ୍ତରେ ଯାଇଥିବାବେଳେ ପୂର୍ବତନ ସମିତି ସଭ୍ୟ ଅବନୀ କାନ୍ତ ଦେହୁରୀ, ପୂର୍ବତନ ସରପଞ୍ଚ ଅକ୍ଷୟ ପ୍ରଧାନ ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ରହି ତାଙ୍କ ସହିତ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଦୀର୍ଘ ଚାରି ବର୍ଷ ପୂର୍ବରୁ ଶିକ୍ଷାବିତ୍ ସଦାନନ୍ଦ ପ୍ରଧାନଙ୍କ ସହଯୋଗରେ ପବିତ୍ର ମୋହନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସ୍ଥଳରେ ଅବ୍ୟବସ୍ଥା ନେଇ ଏହାର ଉନ୍ନତୀକରଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶ ଥାଉକି, ପବିତ୍ର ମୋହନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବହୁ ସମୟରେ ତାଙ୍କ ଅନୁଗାମୀ ଶିକ୍ଷାବିତ ସଦାନନ୍ଦ ପ୍ରଧାନ ଦାବି କରିଥିଲେ ମଧ୍ୟ କେହି ସହଯୋଗ କରୁ ନ ଥିଲେ। ନିଜସ୍ୱ ଚେଷ୍ଟାରେ ଆର୍ଥିକ ସହଯୋଗକୁ ନେଇ ଏକମାସ ତଳେ ପବିତ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ। ଏହାର ଉନ୍ନତୀକରଣ କରିବାକୁ ବ୍ଲକ ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ପଞ୍ଚାୟତର ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରିଥିଲେ।



ଗ୍ରାମବାସୀଙ୍କ ସହ ପଞ୍ଚାୟତ ଗସ୍ତରେ ଯାଇଥିବା ବ୍ଲକ ଅଧ୍ୟକ୍ଷ।

## ବାଲୁକେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ବନ୍ତଳା ,୧୧।୫(ଡି.ଏନ.ଏ.)

ଅନୁଗୋଳ ବ୍ଲକ ଟାଇଁସି ଗ୍ରାମରେ ବାବା ବାଲୁକେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ କଳସଯାତ୍ରାରେ ଏକ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସାମିଲ ହୋଇଥିଲେ। ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୁରୁଣା ଠାକୁରଙ୍କୁ ବିସର୍ଜନ କରାଯାଇ ନୂତନ ଠାକୁରଙ୍କ ପୂଜା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିବ ବୋଲି ମନ୍ଦିର ପରିଚାଳନା ସଭାପତି ପ୍ରକାଶ କରିଛନ୍ତି।



ପ୍ରତିଷ୍ଠା ଉତ୍ସବରେ ବିଧାୟକଙ୍କ ସମେତ ଅନ୍ୟମାନେ।

## ବିଜେଡି ନେତାଙ୍କ ବିୟୋଗରେ ଶୋକସଭା

ପାଲଲହଡା,୧୧।୫(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡା ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ପ୍ରହ୍ଲାଦ ପ୍ରଧାନଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ହୋଇଥିଲା। ବୁଧବାର ବିଧାୟକଙ୍କ ପୌରୋହିତ୍ୟରେ ପାଲଲହଡା ରାଜପଥ ଡାକବଙ୍ଗଳାଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରହଲ୍ଲାଦ ଖମାର ଅଞ୍ଚଳର ଜଣେ ସୁସଂଗଠକ ତଥା ପରୋପକାରୀ ବ୍ୟକ୍ତି ଭାବେ ବେଶ୍ ଜଣାଶୁଣା ଥିଲେ ବିଧାୟକ ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରହଲ୍ଲାଦଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଦଳର ବହୁ ନେତା ଯୋଗଦେଇ ପ୍ରହ୍ଲାଦଙ୍କ ସ୍ମୃତିଗାନ କରିଥିଲେ।

## ପୋଲ ନିର୍ମାଣର ଭୂମିପୂଜା

ପାଲଲହଡା,୧୧।୫(ଡି.ଏନ.ଏ.)

ପାଲଲହଡା ଉପଖଣ୍ଡ ଈଶ୍ୱରନଗର ପଞ୍ଚାୟତ ନୁଡେଇନାଳ ଉପରେ ପୋଲ ନିର୍ମାଣ ପାଇଁ ବୁଧବାର ଭୂମିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ ପାଲ, ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ସୁଶାନ୍ତ କୁମାର ପତି, ବିଡିଓ ଦିଲ୍ଲୀପ କୁମାର ବାଡା, ଜିଲାପରିଷଦ ସଦସ୍ୟା ସାବିତ୍ରୀ ମାଝି, ଈଶ୍ୱରନଗର ସରପଞ୍ଚ ହୃଦାନନ୍ଦ ସାହୁ, ସମିତିସଭ୍ୟା ମାମାଲତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ପୋଲ ନିର୍ମାଣ ହେଲେ ପାଲଲହଡା ସଦର ମହକୁମା ସହିତ ବତିଶିମା ପଞ୍ଚାୟତର ୫ଟି ଗାଁ ସିଧାସଳଖ ଯୋଡି ହେବେ। ଏହି ପ୍ରକଳ୍ପ ପାଇଁ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଥିବାବେଳେ ବିଧାୟକ ସତନ୍ତ୍ର ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ଏବଂ ପଞ୍ଚାୟତ ସମିତିରୁ ୧୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିବା ବିଧାୟକ ପାଲ ପ୍ରକାଶ କରିଥିଲେ। ସେହିପରି ଈଶ୍ୱରନଗର ଗାଁଠାରୁ ବାଲିମ ଗାଁକୁ ଆଉ ଏକ ପୋଲର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପୋଲ ଦ୍ୱାରା ଦୁଇ ଗ୍ରାମ ମଧ୍ୟରେ ଦୂରତା ହ୍ରାସ ପାଇ ଉପଖଣ୍ଡ ସହିତ ଯୋଗାଯୋଗ ସହଜ ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।



ପୋଲ ନିର୍ମାଣର ଭୂମି ପୂଜା ଅବସରରେ ବିଧାୟକଙ୍କ ସମେତ ଅନ୍ୟମାନେ।

## ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ

ବଇଣ୍ଡା,୧୧।୫(ଡି.ଏନ.ଏ.)

ଆଠମଲ୍ଲିକ ଓ କିଶୋରନଗର ବ୍ଲକର ବିଭିନ୍ନ ଗ୍ରାମରେ ଏବେ ପାନୀୟ ଜଳସଙ୍କଟ ଦେଖାଯାଇଛି। ଲୋକେ କିଭଳି ପାନୀୟ ଜଳ ଠିକ୍ ଭାବେ ପାଇବେ ସେ ନେଇ ବିଭାଗୀୟ ଅଧିକାରୀମାନେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମଙ୍ଗଳବାର ଆଠମଲ୍ଲିକ ବ୍ଲକ ମାନଜୋର ଡାକବଙ୍ଗଳା ପରିସରରେ ଜଳଯୋଗାଣ ବିଭାଗର ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଏହା କହିଛନ୍ତି। ଜଳଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଉମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ନିର୍ବାହୀ ଯନ୍ତ୍ରୀ ବିଭୂତି ରଞ୍ଜନ ପଣ୍ଡା, କନିଷ୍ଠଯନ୍ତ୍ରୀ ମନୋରଞ୍ଜନ ପ୍ରଧାନଙ୍କ ସମେତ କିଶୋରନଗର ଓ ଆଠମଲ୍ଲିକ ବ୍ଲକର ଜଳଯୋଗାଣ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତ୍ୟେକ ଗ୍ରାମରେ କିଭଳି ପାନୀୟ ଜଳ ପହଞ୍ଚିବ ସେ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। କିଶୋରନଗର ବ୍ଲକରେ ୮୦, ଆଠମଲ୍ଲିକ ବ୍ଲକରେ ୧୦୦ ନୂତନ ନଳକୂଅ ଖୋଳିବା ପାଇଁ ମଞ୍ଜୁର ହୋଇଥିବାରୁ ଶୀଘ୍ର ଖନନ କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ।



ବୈଠକରେ ଉପସ୍ଥିତ ବିଧାୟକଙ୍କ ସମେତ ଅନ୍ୟମାନେ।

## ୮୬ ଜଣଙ୍କ ସ୍ୱାସ୍ଥ୍ୟପରୀକ୍ଷା

କଣିହାଁ,୧୧।୫(ଡି.ଏନ.ଏ.)

କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡ଼ହୀରା ଗ୍ରାମରେ ଓକହାର୍ଟଫାଉଣ୍ଡେଶନ ତରଫରୁ ବୁଧବାର ଭ୍ରାମ୍ୟମାଣ ଚିକିତ୍ସା ସେବା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୬ ଜଣଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା। ଡାକ୍ତର ଏସ.କେ. ମେସି ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାବେଳେ ଫାର୍ମାସିଷ୍ଟ ବିଷ୍ଣୁଚରଣ ପ୍ରଧାନ, ସ୍ୱାସ୍ଥ୍ୟକର୍ମୀ ରଞ୍ଜିତା ପଟେଲ ପ୍ରମୁଖ ସହଯୋଗ କରିଥିଲେ। ପ୍ରତ୍ୟେକ ମାସରେ ଏହିପରି ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଗ୍ରାମ ସଭାପତି ସୁଧୀଶ ସାହୁ ଦାବି କରିଥିଲେ।



ଡାକ୍ତର ସ୍ୱାସ୍ଥ୍ୟପରୀକ୍ଷା କରୁଛନ୍ତି।

## ପାରିପାର୍ଶ୍ୱିକ ଗ୍ରାମକୁ ଜଳ ଯୋଗାଣ



ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

ବଅଁରପାଳ,୧୧।୫(ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍‌କୋଠାରେ ଥିବା ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସ ତରଫରୁ ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକରେ ଟ୍ୟାଙ୍କର ଯୋଗେ ପାନୀୟ ଜଳଯୋଗାଣ କାର୍ଯ୍ୟ ବୁଧବାରଠାରୁ ଆରମ୍ଭ ହୋଇଛି। ପାରିପାର୍ଶ୍ୱିକ ଅଞ୍ଚଳରେ ଗ୍ରୀଷ୍ମଋତୁରେ ଦେଖାଯାଉଥିବା ପାନୀୟ ସଙ୍କଟକୁ ଦୂର କରିବା ପାଇଁ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ କରାଯାଇଥାଏ। ଏସ୍‌ଆଣ୍ଡପି କମ୍ପ୍ଲେକ୍ସ ଇଡି ଅମ୍ବିକାପ୍ରସାଦ ପଣ୍ଡା ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସମାରୋହରେ ମାନବସମ୍ବଳ ଓ ପ୍ରଶାସନ ଜିଜିଏମ ସତ୍ୟାନନ୍ଦ ସାହୁ, ଡିଜିଏମ୍(ଏଚ୍‌ଆରଡି) ରାଜାରାମ ମିଶ୍ର, ବଅଁରପାଳ ବିଡିଓ ଏଲିଜା ମିଶ୍ର, ବଅଁରପାଳ ଏବିଡିଓଙ୍କ ସମେତ ନାଲ୍‌କୋ ଫାଉଣ୍ଡେଶନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ସ୍ଥାନୀୟ ପ୍ରଶାସନ ଓ ନାଲ୍‌କୋର ମିଳିତ ଉଦ୍ୟମରେ ଅନୁଗୋଳ, ବଅଁରପାଳ ଓ ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ୧୭ଟି ଗ୍ରାମରେ ଟ୍ୟାଙ୍କର ଯୋଗେ ପାନୀୟ ଜଳଯୋଗାଣ କରାଯାଉଛି।

## ୨୭୮ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ବଇଣ୍ଡା,୧୧।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ସଭାଗୃହରେ ବୁଧବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରୀ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ୨୭୮ ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏଥିସହିତ ପ୍ରତ୍ୟେକ ଗ୍ରାମରେ ଥିବା ଉପଯୁକ୍ତ ହିତାଧିକାରୀଙ୍କୁ ଚିହ୍ନଟ କରି ଭତ୍ତା ଯୋଗାଇ ଦେବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, କିଶୋରନଗର ବିଡିଓ ଡ.ସ୍ୱରୂପାନନ୍ଦ ସାହୁ, ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ, ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ବିଷ୍ଣୁପ୍ରିୟା ପ୍ରଧାନ, ଜିଆରଏସ୍ ଶରତ ବିଶ୍ୱାଳଙ୍କ ସମେତ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ଶେଷରେ ରଣିଆକଟା ପଞ୍ଚାୟତ ବରପଦର ଗ୍ରାମର ବସନ୍ତ ଦେହୁରୀଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା।



ବିଧାୟକ ଜଣେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି।

## କେନ୍ଦୁପତ୍ର କାର୍ଯ୍ୟାଳୟ ସମ୍ମୁଖରେ ଅନଶନ

### ସର୍କଲ ଚେକର ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ବଇଣ୍ଡା,୧୧।୫(ଡି.ଏନ.ଏ.)

ଆଠମଲ୍ଲିକ କେନ୍ଦୁପତ୍ର ଡିଭିଜନ ଅଧୀନରେ ଥିବା ବଇଣ୍ଡା କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟରେ ସର୍କଲ ଚେକର ନିଯୁକ୍ତିରେ ଅନିୟମିତତା ହୋଇଥିବା ବୁଧବାର ସର୍କଲ ଚେକର ବସନ୍ତ କୁମାର ସାହୁ ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଏଥିସହ ସେ ହଣ୍ଡପାଠାରେ ଥିବା ବଇଣ୍ଡା କେନ୍ଦୁପତ୍ର କାର୍ଯ୍ୟାଳୟଠାରେ ଅନଶନରେ ବସିଛନ୍ତି।

ଅଭିଯୋଗପତ୍ରରେ ବସନ୍ତ ଦର୍ଶାଇଛନ୍ତି, ପାଇକସାହି ନିକଟସ୍ଥ ପୋକଣ୍ଡା ଅଞ୍ଚଳ ପାଇଁ ସର୍କଲ ଚେକର ଭାବେ ତାଙ୍କୁ ଆଠମଲ୍ଲିକ କାର୍ଯ୍ୟାଳୟ ପକ୍ଷରୁ ନିଯୁକ୍ତ କରାଯାଇଥିଲା। ଦୀର୍ଘବର୍ଷ ହେବ ସେ କାର୍ଯ୍ୟ କରୁଥିଲେ। ତେବେ ୨୦୨୧ ମେ ୨୦ରେ ସେ ହଣ୍ଡପାଠାରେ ଥିବା କାର୍ଯ୍ୟାଳୟରୁ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ଗୋଡ ଭାଙ୍ଗି ଯାଇଥିଲା। ଚିକିତ୍ସିତ ହୋଇ କାର୍ଯ୍ୟାଳୟରେ ଯୋଗଦେବା ପାଇଁ ଆସିଥିବାବେଳେ ତାଙ୍କୁ ଜଏନ କରି ଦିଆଯାଇ ନ ଥିଲା। ସେ ବହୁବାର ମେଡିକାଲ ସାର୍ଟିଫିକେଟ ଧରି ଜଏନ କରିବା ପାଇଁ ରେଞ୍ଜ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଡିଏଫଓ କାର୍ଯ୍ୟାଳୟ ଯାଏ ଦୌଡିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ୨୦୧୯ ମସିହାଠାରୁ ୨୦୨୧ ମସିହା ପର୍ଯ୍ୟନ୍ତ ସେ ସର୍କଲ ଚେକର ଭାବେ କରିଥିବା କାର୍ଯ୍ୟର ଦରମା ମଧ୍ୟ ଦିଆଯାଇ ନାହିଁ। ଜଏନ ପାଇଁ ରେଞ୍ଜ କାର୍ଯ୍ୟାଳୟର ଜଣେ ଅଧିକାରୀ ତାଙ୍କୁ ୫୦ ହଜାର ଟଙ୍କା ହାତଗୁଞ୍ଜା ମାଗିଥିବା ବସନ୍ତ ଅଭିଯୋଗ କରିଛନ୍ତି। ଅନଶନ ଖବରପାଇ ବିଭାଗର ଏସିଏଫ ଭରତ ଚନ୍ଦ୍ର ସାହୁ ଓ ହଣ୍ଡପା ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ରେଞ୍ଜର ନିରୋଦ କୁମାର ସାହୁ କହିଛନ୍ତି, ସର୍କଲ ଚେକର ନିଯୁକ୍ତିରେ କୌଣସି ଅନିୟମିତତା ହୋଇନାହିଁ। ବସନ୍ତ ତାଙ୍କର ସାର୍ଟିଫିକେଟ୍ ପ୍ରଦାନ କରି ନ ଥିବା ଯୋଗୁ ଜଏନ ହୋଇପାରିନାହାନ୍ତି। ଲାଞ୍ଚ ମାଗିବା ଭିତ୍ତିହୀନ ବୋଲି ସେ ପ୍ରକାଶ କରିଛନ୍ତି।



ଅନଶନର ବସିଛନ୍ତି ବସନ୍ତ।

